



# ଗଡ଼େଇବା - ଘୋଷାଡ଼ିବା

ଥରେ ଗୋଟିଏ ମେଣ୍ଢାଛୁଆ ତା' ବୁଢ଼ୀମା'କୁ ଦେଖିବାକୁ ଯାଉଥିଲା ।







ଜଙ୍ଗଲିଆ ରାସ୍ତାରେ ଯାଉଯାଉ ମେଣ୍ଢାଛୁଆଟି ହେଟାବାଘକୁ ଦେଖିଲା ।

"ମୋତେ ଦୟାକରି ଯିବାକୁ ଦିଅନ୍ତୁ । ମୁଁ ମୋ ବୁଢ଼ୀମା'କୁ ଦେଖାକରିବାକୁ ଯାଉଛି । ତା'ର ଦେହ ବହୁତ ଖରାପ । ମୁଁ ଫେରିବା ବେଳେ ତୁମେ ମୋତେ ଖାଇବ । ସେତେବେଳକୁ ମୁଁ ମଧ ମୋଟା ଓ ବଡ଼ ହୋଇଯାଇଥିବି ।"

—କହିଲା ମେଣ୍ଢାଛୁଆ





ମେଣ୍ଢାଛୁଆଟି ତା'ର ବୁଢ଼ୀମା'କୁ ସବୁ କଥା କହିଲା ।

ବୁଢ଼ୀମା' ଏକ ଉପାୟ ପାଞ୍ଚିଲା ।



ଯାଅ, ଏହି ଢୋଲ ମଧ୍ୟରେ ପଶିଯାଅ ।

ମେଣ୍ଢାଛୁଆଟି ସେଇଆ କଲା ।



ବୁଢ଼ୀମା' ଢୋଲଟିକୁ ରାସ୍ତା ଉପରେ ଗଡ଼େଇ ଦେଲା ।

ଢୋଲଟି ଗଡ଼ିବାକୁ ଲାଗିଲା ।




ଢୋଲ୍ ଭିତରୁ
ଥାଇ ମେଣ୍ଢାଛୁଆ
ଦେଖିଲା ଯେ,ହେଟାବାଘ
ତାକୁ ଅପେକ୍ଷା କରି ରହିଛି ।



ହେଟାବାଘର୍
ସନ୍ଦେହ ହେଲା ।
ସେ ଗଡୁଥିବା
ଢୋଲ୍ ପଛେ ପଛେ ଗଲା ।



ହେଟାବାଘ ତାକୁ
ଧରିବା ପୂର୍ବରୁ
ମେଣ୍ଢାଛୁଆଟି ଘର୍ ଭିତରକୁ
ଦଉଡ଼ି ପଳାଇଗଲା ।

ଏବେ ତଳ ପ୍ରଶ୍ନମାନଙ୍କର ଉତ୍ତର କହ:

- ଢୋଲଟି ରାସ୍ତାରେ କିପରି ଆସୁଥିଲା ?
- ମେଣ୍ଢାଛୁଆଟି ଗୋଟିଏ ବାକ୍ସ ମଧ୍ୟରେ ପଶିଯାଇଥିଲେ ଗଡ଼ିଗଡ଼ି ଆସିପାରି ଥାଆନ୍ତା କି ?
- ତୁମେ ଦେଖିଥିବା କେଉଁ କେଉଁ ଜିନିଷ ଢୋଲ ଭଳି ଭୂଇଁ ଉପରେ ଗଡ଼ି ପାରିବ ?
- କେଉଁ କେଉଁ ଜିନିଷ ଗଡ଼ି ପାରିବ ନାହିଁ ?

- ତଳେ ଦିଆଯାଇଥିବା ଚିତ୍ରକୁ ଦେଖ । ବିଦ୍ୟାଳୟ ପଡ଼ିଆରେ ପିଲାମାନେ ଖେଳୁଛନ୍ତି । କେତେକ ପିଲା ଉପରୁ ତଳକୁ ଖସି ଯାଉଛନ୍ତି । କେତେକ ଜିନିଷକୁ ମଧ୍ୟ ପିଲାମାନେ ଘୋଷାଡ଼ି ଘୋଷାଡ଼ି ନେଉଛନ୍ତି ।



ଲକ୍ଷ୍ୟ କର, କେତେଗୁଡ଼ିଏ ଜିନିଷ ଗଡ଼ିଗଡ଼ି ଯାଇଥାଆନ୍ତି । ସେହିପରି ଅନେକ ଜିନିଷକୁ ଘୋଷାଡ଼ି ନିଆଯାଇଥାଏ । ଏପରି ମଧ୍ୟ କେତେ ଜିନିଷ ଅଛି ଯେଉଁଗୁଡ଼ିକ ଗଡ଼ିଥା'ନ୍ତି ଓ ଘୋଷାଡ଼ି ହୋଇ ଯାଇଥା'ନ୍ତି ।

- ତୁମ ଚାରିପଟେ ଥିବା ଜିନିଷଗୁଡ଼ିକୁ ଲକ୍ଷ୍ୟ କର ଓ ତଳେ ଥିବା ସାରଣୀ ପୂରଣ କର ।

| ଗଡ଼ିପାରୁଥିବା ଜିନିଷ | ଘୋଷାଡ଼ି ହେଉଥିବା ଜିନିଷ |
|---|---|
| | |

## ଆସ, ମୁଦ୍ରାକୁ ନେଇ ଖେଳିବା -

ଗୋଟିଏ ଟଙ୍କିକିଆ ମୁଦ୍ରା ନିଅ । ତାହାକୁ ଚିତ୍ରରେ ଦେଖାଯାଇଥିବା ଭଳି ଧର । ମୁଦ୍ରାଟିକୁ ଗଡ଼ାଅ ।




ମୁଦ୍ରାଟି ଗଡ଼ିଲା କି ? ଏହି ଭଳି ଧରି ମୁଦ୍ରାଟି ଘୋଷାଡ଼ିହୋଇ ଯାଇପାରିବ କି ? ଚେଷ୍ଟା କର ।

## ଆସ, କାଗଜ କାଟି ଗଛ ତିଆରି କରିବା -

- ଏହିଭଳି କାଗଜ ଖଣ୍ଡେ ନିଅ ।
- କାଗଜଟିକୁ ଗୁଡ଼ାଇ ପାଇପ୍‌ଟିଏ ତିଆରି କର ।
- ଏହି ପାଇପ୍‌ଟି ଗଡ଼ି ପାରିବ କି ?
- ଏବେ ତୁମର କାଗଜ ପାଇପ୍‌ଟି ଏହିଭଳି ଦେଖାଯାଉଥିବ ।
- କଇଁଚିଟିଏ ନେଇ କାଗଜ ପାଇପ୍‌ର ଗୋଟିଏ ପଟକୁ ୭ ବା ୮ ଥର କାଟ ।
- କାଟିଥିବା ଖଣ୍ଡଗୁଡ଼ିକୁ ବାହାରକୁ ଓଲଟାଇ ଦିଅ ।
- ଏବେ କାଗଜ ଗଛ ପ୍ରସ୍ତୁତ ହୋଇଗଲା ।
- ଏହାକୁ ରଂଗ ଦିଅ ।












**ଆସ, ଗଡ଼ିପାରୁଥିବା ଓ ଘୋଷାଡ଼ି ହେଉଥିବା କେତେକ ବସ୍ତୁକୁ ନେଇ ଖେଳିବା ।**

- କେତେଗୁଡ଼ିଏ ଦିଆସିଲି ଖୋଳ, ଟିଣ ଡବା, ବଲ୍, କାଚଗୋଲି ସଂଗ୍ରହ କର ।
- ଗୋଟିଏ ପ୍ରକାରର ଜିନିଷକୁ ଉପରକୁ ଉପର ରଖି ସଜାଡ଼ ।
- ଦେଖ କେଉଁ କେଉଁ ଜିନିଷକୁ ଉପରକୁ ଉପର ରଖି ତୁମେ ସଜାଡ଼ି ପାରୁଛ ?
- କେଉଁ ଜିନିଷକୁ ଉପରକୁ ଉପର ରଖି ସଜାଡ଼ି ପାରୁନାହଁ ?



## ଗାଡ଼ି ତିଆରି ଖେଳ

- ଚକଟା ମାଟିରେ ଚାରୋଟି ଚକ ତିଆରି କର ।
- ଚିତ୍ରରେ ଦିଆଯାଇଥିବାଭଳି ଦୁଇ ଦୁଇଟି ଚକକୁ ଗୋଟିଏ ବାଡ଼ିରେ ଯୋଡ଼ ।
- ଗାଡ଼ିର ଆଗରେ ସୂତାଟିଏ ବାନ୍ଧି ଟାଣ । ଗାଡ଼ିଟି ଗଡ଼ୁଛି କି ?
- ଏବେ ଗୋଟିଏ ଇଟା ନିଅ । ଇଟାଟିକୁ ଦୁଇ ହାତରେ ଟେକି ଗୋଟିଏ ଯାଗାରୁ ଆଉ ଗୋଟିଏ ଜାଗାକୁ ଆଣ । ତୁମେ ନେଇଥିବା ଇଟାକୁ ପୂର୍ବରୁ ତିଆରି କରିଥିବା ଗାଡ଼ି ଉପରେ ରଖ । ଗାଡ଼ିଟିକୁ ଟାଣ ।



ହାତରେ ଇଟାଟିକୁ ଟେକି ଗୋଟିଏ ଜାଗାକୁ ନେବା ଓ ଗାଡ଼ି ସାହାଯ୍ୟରେ ଗୋଟିଏ ଜାଗାରୁ ଆଉ ଗୋଟିଏ ଜାଗାକୁ ନେବା ମଧ୍ୟରୁ, କେଉଁଟିରେ ସହଜ ଲାଗିଲା ?


କାରଣ କ'ଣ ଚିନ୍ତା କରି କହ ।

# ଅଭ୍ୟାସ କାର୍ଯ୍ୟ

୧. ତଳେ ଦିଆଯାଇଥିବା ଜିନିଷଗୁଡ଼ିକ ମଧ୍ୟରୁ ଯେଉଁଗୁଡ଼ିକ ଗଡ଼ିପାରିବ ସେଗୁଡ଼ିକରେ ଠିକ (✓) ଚିହ୍ନ ଦିଅ ।




୨. ଯେଉଁ ଜିନିଷଗୁଡ଼ିକୁ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ଘୋଷାରି ନିଆଯାଇ ପାରିବ , ସେଥିରେ ରଂଗ ଦିଅ ।






୩. ବିନ୍ଦୁ ଯୋଡ଼ । ପାଇଥିବା ଜିନିଷର ନାମ ଲେଖ ।



୪. ଯେଉଁ ଜିନିଷଗୁଡ଼ିକ ଗଡ଼ିପାରିବ, ସେଥିରେ ରଙ୍ଗ ଦିଅ ।



ଜିନିଷଗୁଡ଼ିକ ମଧ୍ୟରୁ ଯେଉଁଗୁଡ଼ିକୁ ଉପରକୁ ଉପର ସଜାଡ଼ି ରଖି ହେବ ଲେଖ ।